# କୋରେଇ ବ୍ଲକର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ପାଣିକୋଇଲି,୧୫।୧(ବିକାଶ କୁମାର ମଲିକ): କୋରାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଓ ଯାଜପୁର ଜିଲା ପରିଷଦର ୩ନଂ.ଜୋନର ସଦସ୍ୟ ଏବଂ ଆମ ଆଦମୀ ପାର୍ଟିର ଆବାହକ ଧରଣୀଧର ଘଡ଼ାଇ(୫୭)ଙ୍କ ରବିବାର ରାତି ୧.୨୦ ସମୟରେ ହୃଦଘାତରେ ପରଲୋକ ଘଟିଛି। ଘଡ଼ାଇ ଜିଲାର ଜଣେ ଦକ୍ଷ ରାଜନେତା ଥିଲେ। ସେ ୨୦୦୭ରେ ପାଣିକୋଇଲି ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହେବା ପରେ ନିଜର ଲୋକପ୍ରିୟତା ବଳରେ କୋରାଇ ବ୍ଲକର ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ। ୨୦୧୨ରୁ ୧୭ ପର୍ଯ୍ୟନ୍ତ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଯାଜପୁର ଜିଲା ପରିଷଦର ୩ନଂ.ଜୋନର ନିର୍ବାଚିତ ହୋଇଥିଲେ। ଏହା ପରେ ୨୦୨୨ରେ ଆମ ଆଦମୀ ପାର୍ଟିର କୋରାଇ ବ୍ଲକ ଆବାହକ ଭାବେ ଦାୟିତ୍ୱ ନିର୍ବାହ କରିଆସିଥିଲେ।



ଏହି ଖବର ଜଣାପଡିବା ପରେ କୋରାଇ ବିଧାୟକ ଅଶୋକ ବଳ, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି,ଭାଜପା ନେତା ବିଶ୍ୱଜିତ ନାୟକ, ଅାଲେକଜାଣ୍ଡାର ଦାସପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କର ମୃତଦେହକୁ ସ୍ୱର୍ଗରଥରେ ପାଣିକୋଇଲି ଓ ପଥରପଦା ପଞ୍ଚାୟତ ସମେତ କୋରାଇ ବ୍ଲକ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।। ଏହାପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରାଯାଇଥିଲା। ଏକମାତ୍ର ପୁତ୍ର ସୁଧାଂଶୁ ମୁଖାଗ୍ନୀ ଦେଇଥିଲେ।

# ପୋକ୍ସୋ କୋର୍ଟରେ ହାଜର ହେଲେ ନାବାଳକ

## ନାବାଳିକା ଅପହରଣ ଘଟଣା

ପାଣିକୋଇଲି,୧୫।୧ (ବିକାଶ କୁମାର ମଲିକ): ପାଣିକୋଇଲି ଥାନା ପଥରପଦା ଗ୍ରାମର ଆଦିବାସୀ ବସ୍ତିର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ସଂକ୍ରାନ୍ତରେ ଥାନାରେ ଗତ ୭ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପହରଣକାରୀ କେନ୍ଦୁଝର ଜିଲା ସୋସୋ ଥାନା ସିଙ୍ଗମ ଗ୍ରାମର ଜଣେ ନାବାଳକ ବୋଲି ଜଣାପଡିଥିଲା। ତଦନ୍ତକାରୀ ଅଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ ତାଙ୍କୁ ଠାବ କରିଥିଲେ। ଉକ୍ତ ନାବାଳିକାଙ୍କୁ ପୋଲିସ ସଖି ଗୃହରେ ଛାଡିବା ସହ ନାବାଳକଙ୍କୁ ସୋମବାର ୩୬୩, ପୋକ୍ସୋ ନିୟମ ଅନୁଯାୟୀ ଯାଜପୁର ପୋକ୍ସୋ କୋର୍ଟରେ ହାଜର କରାଯାଇଛି ବୋଲି ପୋଲିସ କହିଛି।

**ମକର ମେଳାକୁ ଯାଉଥିବା ବେଳେ ଅଘଟଣ**

# ପୋଲ ତଳକୁ ଖସିଲା ବାଇକ୍, ବାଳିକା ମୃତ

ପାଣିକୋଇଲି,୧୫।୧ (ବିକାଶ କୁମାର ମଲିକ) ପାଣିକୋଇଲି ଥାନା ଅନ୍ତର୍ଗତ ମାଧପୁର ନିକଟରେ ସୋମବାର ଷଠିପୁର ତଥା ଆଖପାଖରେ କାମ କରୁଥିବା ଜଣେ ଆଦିବାସୀ ଯୁବକ ଜଣେ ୫ ବର୍ଷର ଝିଅକୁ ବାଇକ୍ ଆଗରେ ବସାଇ ମକର ମେଳା ଦେଖିବାକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଛି। ବାଇକ୍ (ନଂ.ଓଆର୨୨ଡ଼ି୩୪୦୬)ଟି ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟି ହୋଇ ୩୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ବାଇକ୍ ଚଳାଉଥିବା ଯୁବକ ମୃତ୍ୟୁମୁଖରୁ ରକ୍ଷାପାଇ ଯାଇଥିବା ବେଳେ ବାଇକ୍ ସହିତ ଆଗରେ ବସିଥିବା ଝିଅଟି ପୋଲ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ସେହି ଝିଅକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତଦନ୍ତ ଚଳାଇଛି। ବାଇକ ଚଳାଉଥିବା ଯୁବକ ଥାନାରେ ଅଟକ ଅଛନ୍ତି।




# ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରସୁଲପୁର,୧୫।୧(ରଞ୍ଜିତ ରାଉତ) ରସୁଲପୁର ବ୍ଲକ ମୁଗୁପାଳ ହାଇସ୍କୁଲ ଖେଳ ପଡ଼ିଆରେ ୧୮ତମ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। କ୍ରୀଡା ଶିକ୍ଷକ ଅମରେନ୍ଦ୍ର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ, ପ୍ରଗତି କ୍ଲବ ଓ ଇଏସ୍ଇପିଏନ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର ପୌରୋହିତ୍ୟରେ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଜ୍ଞାପରମିତା ମଲିକ, ସମ୍ମାନିତ ଅତିଥି ସମିତି ସଭ୍ୟ ନରୋତ୍ତମ ସାହୁ, ରେଲୱେ ବିଭାଗର ଭଲି ପ୍ରଶିକ୍ଷକ ସେମ୍ ନସିମ ଉଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ଭଦ୍ରକ, ପୁରୀ, ଜଗତସିଂପୁର ଜିଲା ଭଲି ଦଳ ସମେତ ଯାଜପୁର ଜିଲାରୁ ଭୂମିକା ଚକ୍ଷୁ ଚିକିତ୍ସା କେନ୍ଦ୍ର, ସୁକିନ୍ଦା, ମୁଗୁପାଳର ପ୍ରଗତି କ୍ଲବ ଭଳି ଟାଣୁଆ ଦଳମାନେ ଅଂଶ ଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟରେ ଲିଗ୍ ପର୍ଯ୍ୟାୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍ ଭୂମିକା ଚକ୍ଷୁ ଚିକିତ୍ସା କେନ୍ଦ୍ର ଓ ପ୍ରଗତି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଗତି କ୍ଲବ,ମୁଗପାଳ ବିଜୟ ଲାଭକରି ପରିବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ପୁରୀ ଜିଲା ଓ ସୁକିନ୍ଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲା ଭଲି ଦଳ ବିଜୟ ଲାଭ କରିଥିବା ବେଳେ ଅନ୍ୟ ସବୁ ଲିଗ୍ ମ୍ୟାଚ୍ ଜାରି ରହିଛି।


ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।



# ଶ୍ରୀବଳଦେବଜୀଉ ମନ୍ଦିରରେ ମକର ସଂକ୍ରାନ୍ତି



ମକର ସଂକ୍ରାନ୍ତିରେ ଶ୍ରୀବଳଦେବଜୀଉ ମନ୍ଦିରରେ ଭକ୍ତଙ୍କ ଭିଡ଼ ।

କେନ୍ଦ୍ରାପଡ଼ା, ୧୫।୧ (ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିସହ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ଦେବଦେବୀ ପୀଠରେ ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି ହୋଇ ବଣ୍ଟନ କରାଯାଇଛି। ସେହିପରି କେତେକ ଧାର୍ମିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଶ୍ରୀଜୀଉ ମନ୍ଦିରର ସ୍ୱତନ୍ତ୍ର ନୀତି ନବାଙ୍କ ବେଢ଼ା ପରିକ୍ରମା ଅନୁଷ୍ଠିତ ହୋଇଥିଲା। ମା' ଲକ୍ଷ୍ମୀ ବାପଘରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ୫ ଥର ବେଢ଼ା ପରିକ୍ରମା କରିଥିଲେ। ମକର ସଂକ୍ରାନ୍ତି ଅବସରରେ ଅବଶିଷ୍ଟ ୪ଥର ବେଢ଼ା ପରିକ୍ରମା ସହ ବାପଘରୁ ଆସିଥିବା ବ୍ୟଞ୍ଜନ ଶ୍ରୀଜୀଉଙ୍କୁ ଅର୍ପଣ କରିଥିଲେ। ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପହଡ଼ ଫିଟାଯାଇ ମଙ୍ଗଳ ଆଳତି ହୋଇଥିଲା। ନୀତିସ୍ନାନ ପରେ ଗୋପାଳବଲ୍ଲଭ ଓ ପୂର୍ବାହ୍ନ ୯ଟାରେ ଖେଚୁଡ଼ି ଧୂପ ଲାଗି ହୋଇଥିଲା। ଅପରାହ୍ନରେ ନିଶଙ୍କୁଡ଼ି ମକର ଚଉରାଅଶୀ ଭୋଗ ଓ ସନ୍ଧ୍ୟାରେ ୮୪ ପ୍ରକାର ସଙ୍ଖୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ମକର ସଂକ୍ରାନ୍ତି ଉତ୍ସବ ପାଇଁ ପ୍ରତ୍ୟୁଷରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ରଥଦାଣ୍ଡରେ ଏହି ସମୟରେ ୨୦ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ନ୍ୟାଶନାଲ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ଚାମ୍ପିୟନ

ମାର୍ଶାଘାଇ, ୧୫।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଭୂଷରଙ୍ଗ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିବା ତୁଷାର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ରାହାମା ନାଇଟ କିଲରକୁ ହରାଇ ନ୍ୟାଶନାଲ କ୍ରିକେଟ୍ କ୍ଲବ କେନ୍ଦ୍ରାପଡ଼ା ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଟସ୍ ଜିତି ରାହାମା ଟିମ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୨୦ ଓଭର ବିଶିଷ୍ଟ ମ୍ୟାଚରେ ରାହାମା ଟିମ୍ ୧୬.୨ ବଲରେ ସମସ୍ତ ଉଇକେଟ ହରାଇ ୧୩୨ରନ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ଟିମ୍ ସମସ୍ତ ଉଇକେଟ ହରାଇ ୧୩୨ ରନ କରିଥିଲା। ଫଳରେ ବିଜେତା ପାଇଁ ସୁପର ଓଭର ଖେଳାଯାଇଥିଲା। କେନ୍ଦ୍ରାପଡ଼ା ଟିମ୍ ୬ଟି ବଲରେ ୨୨ରନ କରିଥିବା ବେଳେ ରାହାମା ଟିମ୍ ୬ଟି ବଲରେ ମାତ୍ର ୪ ରନ କରିଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ମାର୍ଶାଘାଇ ବ୍ଲକର ପୂର୍ବତନ ଅଧକ୍ଷ ସଞ୍ଜୟ କୁମାର ଲେଙ୍କା ଓ ସମ୍ମାନିତ ଅତିଥି ଭାବେ ପାରାଦୀପର ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ, ସରପଞ୍ଚ ଅଶାନ୍ତି ସ୍ୱାଇଁ, ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ଶର୍ମିଷ୍ଠା ନାୟକ, ବିପିନ ବିହାରୀ ମହାନ୍ତି, ପୁଷ୍ପାଞ୍ଜଳି ମହାନ୍ତି ଓ ବିଳାସିନୀ ପ୍ରଧାନ ଯୋଗଦେଇ ଚାମ୍ପିୟନ ଟିମ୍ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଟିମ୍ ପକ୍ଷରୁ ବିଦ୍ୟାଧର ଦାସ, ବିବେକ ଜେନା, ଅନିଲ ସେନାପତି, ପ୍ରମୋଦ ସେନାପତି, ଲଳିତ ସେନାପତି, ସୁଶାନ୍ତ ଦାସ ସହଯୋଗ କରିଥିଲେ। ବିସ୍ମୟ ଖୁଣ୍ଟିଆ ଓ ସୁକାନ୍ତ ମଲ୍ଲିକ ଖେଳ ପରିଚାଳନା କରିଥିଲେ।

# ମେଡିକାଲ କଲେଜ ପ୍ରତିଷ୍ଠା ନ ହେଲେ ଖଜଣା ବନ୍ଦ ଆହ୍ୱାନ

କେନ୍ଦ୍ରାପଡ଼ା, ୧୫।୧ (ଜଗନ୍ନାଥ ଧଳ)

ସ୍ୱଳ୍ପ ସମୟ ନୀରବତା ପରେ କେନ୍ଦ୍ରାପଡ଼ା ଜିଲା ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପୁଣି ସତେଜ ହୋଇଛି। ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ନ ହେଲେ ସରକାରୀ ରାଜସ୍ୱ ପ୍ରଦାନ ନ କରିବାକୁ କମିଟି ଆହ୍ୱାନ ଦେଇଛି। ଏ ନେଇ ଜିଲା ବିକାଶ ସାମୁଖ୍ୟ କାର୍ଯ୍ୟାଳୟ ପରିସରରେ ବୈଠକ ଶିକ୍ଷାବିତ୍ ଅଜୟ ସାମଲଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିଲା। ସଦସ୍ୟମାନେ ଜିଲାର ଅର୍ଥନୈତିକ, ସାଂସ୍କୃତିକ ଓ ସାମାଜିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାକୁ ଅବହେଳା କରାଯାଉଥିବା ଦର୍ଶାଇ ଯାତ୍ରୀବାହୀ ରେଳ ଚଳାଚଳ, ଶିଳ୍ପ, ଶୀତଳଭଣ୍ଡାର, କୃଷିକୁ ଜଳ ପରିଚାଳନା ହେଉ ନ ଥିବା ଦର୍ଶାଇଥିଲେ। ଏହି ଜିଲାରେ ସ୍ୱାସ୍ଥ୍ୟ ସେବା ଅତି ନିମ୍ନସ୍ତରର ଓ ସାଧାରଣ ରୋଗରେ କଟକ, ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଥିବାରୁ ଭିତ୍ତିଭୂମି ସମ୍ପର୍କରେ କ୍ଷୋଭ ପ୍ରକାଶ କରିଥିଲେ। ଦୀର୍ଘଦିନର ଆନ୍ଦୋଳନ ସତ୍ତ୍ୱେ ମେଡିକାଲ କଲେଜ ପ୍ରତିଷ୍ଠା ହେଲାନାହିଁ। ଏଣୁ ଖଜଣା ନ ଦେବାକୁ ଜିଲାବାସୀଙ୍କୁ କମିଟି ସଦସ୍ୟମାନେ ଆହ୍ୱାନ ଦେଇଥିଲେ। ଏଥିରେ କର୍ମକର୍ତ୍ତା ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ପ୍ରଦୀପ ଦାଶ, ଆଦିକନ୍ଦ ରାଉଳ, ଫକୀର ଖଟୁଆ ପ୍ରମୁଖ ସାମିଲ ହୋଇଥିଲେ।

# ଜାତୀୟ ଯୁବ ମହୋତ୍ସବରେ କେନ୍ଦ୍ରାପଡ଼ାର ଗୌତମ

କେନ୍ଦ୍ରାପଡ଼ା, ୧୫।୧ (ଜଗନ୍ନାଥ ଧଳ)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ, ମହାରାଷ୍ଟ୍ର ସରକାରଙ୍କ ମିଳିତ ଆୟୋଜନାରେ ନାସିକଠାରେ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୨୭ତମ ଜାତୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ମହୋତ୍ସବରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକସ୍ଥ ଉକ୍ଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା ପ୍ରତିନିଧିତ୍ୱ କରିଛନ୍ତି। ମହୋତ୍ସବରେ ୨୦୪୭ ସୁଦ୍ଧା ବିକଶିତ ଭାରତ ସମ୍ପର୍କରେ ଆଲୋଚନା ହୋଇଥିଲା। ଉଦ୍ୟୋଗୀ ଉତ୍ସାହ, ମିଲେଟ ମିଶନ, ବୈଜ୍ଞାନିକ ଉଜ୍ଜ୍ୱଳତା ପାଇଁ ସାଂସ୍କୃତିକ ସମ୍ମିଳନୀ, ମିଶନ ଲାଇଫର ସବୁଜ ସ୍ପନ୍ଦନ ସମ୍ପର୍କରେ ଏଠାରେ ଆଲୋଚନା ହୋଇଛି।






# ପୁରୀ ଯିବ ଭକ୍ତଙ୍କଠାରୁ ସଂଗୃହୀତ ଚାଉଳ, ଗୁଆ, ଅର୍ଥ



ଓଡଗାଁରେ ଅର୍ପଣ ରଥ ପରିକ୍ରମା ଉଦ୍‌ଯାପନୀରେ ସଂକୀର୍ତ୍ତନ ମଣ୍ଡଳୀ ଓ ଲୋକମାନେ।

ନୟାଗଡ଼/ ଓଡଗାଁ,୧୫।୧(ଲୋକନାଥ ମିଶ୍ର/ ଆଦର୍ଶ କୁମାର ପଟ୍ଟନାୟକ)

## ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା ଶେଷ

ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଗାଁ ଓ ସହରରେ ଘୂରି ବୁଲୁଥିବା ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ନୟାଗଡ଼ ସହର ଦକ୍ଷିଣ କାଳୀ ପଡ଼ିଆରେ ସନ୍ଧ୍ୟାରେ ଶେଷ ହୋଇଛି। ଏହି ଉତ୍ସବ ଅବସରରେ ନୟାଗଡ଼ ବ୍ଲକ ଓ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ଉତ୍ସବରେ ନାମ ସଂକୀର୍ତ୍ତନ, ହୁଳହୁଳି, ହରିବୋଲ, ଭଜନ କୀର୍ତ୍ତନରେ ମୁଖରିତ ହୋଇ ଉଠିଥିଲା। ଅନ୍ୟପକ୍ଷେ ଭକ୍ତଙ୍କଠାରୁ ସଂଗୃହୀତ ଚାଉଳ, ଗୁଆ ଓ ଅର୍ଥକୁ ପୁରୀ ଶ୍ରୀମନ୍ଦିରକୁ ଅର୍ପଣ କରାଯାଇଛି। ଉଦ୍‌ଯାପନ ଉତ୍ସବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ଓ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାସ କଅଁର, ଆଶିଷ ଅଗ୍ରୱାଲ, କ୍ଷୀରୋଦ ମହାପାତ୍ର, ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ଓ ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗୀତ ଗୁରୁ ରଜନୀ ମହାପାତ୍ର ଓ ତାଙ୍କ ସାଥୀ ଭଜନ ପରିବେଶଣ କରିଥିଲେ। ଏଥିରେ ୨୪ଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ।

ସେହିପରି ଓଡ଼ଗାଁ ମହୋତ୍ସବ ପଡ଼ିଆରେ ବ୍ଲକ ଓ ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ୧୮ ପଞ୍ଚାୟତ ଓ ଓଡ଼ଗାଁ ଏନ୍‌ଏସିର ସମସ୍ତ ଅର୍ପଣ ରଥ ଓ ଏହା ସହିତ ପରିକ୍ରମା କରୁଥିବା ସଂକୀର୍ତ୍ତନ ଦଳ ଓ ସହଯୋଗୀଙ୍କ ଏକ ସମାବେଶ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଅରୁଣ କୁମାର ସାହୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ଜିଲାପରିଷଦ ସଦସ୍ୟା ବିରାଜଲକ୍ଷ୍ମୀ ସାହୁ ମଞ୍ଚାସୀନ ଥିଲେ। ମଙ୍ଗଳବାର ସଂଗୃହୀତ ସମସ୍ତ ଗୁଆ, ଚାଉଳ, ଟଙ୍କା ଶ୍ରୀଜଗନ୍ନାଥ ଧାମ ପୁରୀ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପଠାଯିବା ଲାଗି ଘୋଷଣା କରାଯାଇଛି।

# ଚିନିକଲ ସାହିକୁ ରାସ୍ତା ନିର୍ମାଣ ଦାବି

ଖଣ୍ଡପଡ଼ା,୧୫।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ୧୨ନଂ. ୱାର୍ଡ ଚିନିକଲସାହିକୁ ରାସ୍ତା ନିର୍ମାଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଦୀର୍ଘବର୍ଷ ଧରି ଦାବି କରି ଆସୁଥିବା ବେଳେ ଏନ୍‌ଏସି କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା-ନୟାଗଡ ମୁଖ୍ୟ ରାସ୍ତାରୁ କୋଭିଡ ହସ୍ପିଟାଲ ପାର୍ଶ୍ୱ ଦେଇ ଯାଇଥିବା ମାଟି ରାସ୍ତାଟିକୁ କଂକ୍ରିଟ ପାଇଁ ଚିନିକଲ ସାହି ବସିନ୍ଦା ଦାବି କରି ଆସୁଛନ୍ତି। ବର୍ଷାଦିନେ ଉକ୍ତ ରାସ୍ତା ଦେଇ ଯାତାୟାତ ନିମନ୍ତେ ୱାର୍ଡବାସୀ ବିଶେଷ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉକ୍ତ ରାସ୍ତା ପ୍ରତି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଧ୍ୟକ୍ଷା ଦୃଷ୍ଟି ଦେବାକୁ ୧୨ ନଂ. ୱାର୍ଡବାସୀ ଦାବି କରିଛନ୍ତି।

# ଦଶପଲ୍ଲା କପ୍ ଫୁଟବଲ୍: ଝାରସୁଗୁଡ଼ା ମହିଳା ଦଳ ବିଜୟୀ

ଦଶପଲ୍ଲା ୧୫।୧ ( ପ୍ରକାଶ କୁମାର ପାଣି)

ଦଶପଲ୍ଲା ଗାନ୍ଧୀ ମଇଦାନରେ ସ୍ପୋର୍ଟିଂ ସ୍ପୋଡସ ସୋସାଇଟି ଆନୁକୂଲ୍ୟରେ ସର୍ବ ଭାରତୀୟ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ନାମେଣ୍ଟର ସୋମବାର ଖେଳ ଝାରସୁଗୁଡ଼ା ମହିଳା ଫୁଟବଲ ଦଳ ଏବଂ ରାଉରକେଲା ମହିଳା ଫୁଟବଲ ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟସୀମା ଭିତରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ପରେ ଟ୍ରାଇବେକର ପଦ୍ଧତିରେ ଝାରସୁଗୁଡ଼ା ମହିଳା ଦଳ ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ପ୍ରତିମା ଦଳବେହେରା ଯୋଗ ଦେଇଥିଲେ। ଉତ୍ସବରେ ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବିଷୟ ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ରଙ୍କ ସୂତ୍ରରୁ ପ୍ରକାଶ।






## ଡେରାବିଶରେ ନିର୍ବାଚନ ପାଇଁ ଭୋଟରଙ୍କୁ ସଚେତନତା



ଡେରାବିଶ,୧୫।୧ (ବେବର୍ତ୍ତା ଅଜୟ ଦାସ)

ଆଗାମୀ ସାଧାରଣ ନିର୍ବାଚନ ଆଉ କେତୋଟି ମାସ ଥିବାବେଳେ ସରକାରୀ ସ୍ତରରେ ଏଥିପାଇଁ ପ୍ରସ୍ତୁତିକୁ ଜୋର୍‌ଦାର କରାଯାଇଛି। ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନରେ ୨୬ଟି ପଞ୍ଚାୟତ ରହିଥିବାବେଳେ ୧୪୫ ବୁଥ୍ ରହିଛି। ଭୋଟରମାନଙ୍କୁ ଡେମୋନଷ୍ଟ୍ରେଶନ୍ ମାଧ୍ୟମରେ ସଚେତନତା କରିବାକୁ ଚଳିତ ମାସ ୧୧ ତାରିଖଠାରୁ ଆରମ୍ଭ ହୋଇଛି ଅଭିଯାନ। ଏହି ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଏବଂ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମା ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ଲକରେ ଆରମ୍ଭ ହୋଇଥିବା ଅଭିଯାନରେ ବ୍ଲକ ପ୍ରକଳ୍ପ ସଂଯୋଜକ ଦେବେଶ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ଛୋଟି ଗାଁରୁ ଏହି ଡେମୋନଷ୍ଟ୍ରେଶନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ବିଶେଷକରି ଇଭିଏମ୍ ମାଧ୍ୟମରେ ଭୋଟରମାନେ କିପରି ଭୋଟ ଦେବେ ସେ ସମ୍ପର୍କରେ ସାଧାରଣ ଭୋଟରଙ୍କୁ ସଚେତନ କରାଯାଉଛି। ଦେବେଶଙ୍କ ସୂଚନା ଅନୁଯାୟୀ, ପ୍ରତ୍ୟେକ ବୁଥ୍‌ରେ ଗୋଟିଏ କଣ୍ଟ୍ରୋଲ ୟୁନିଟ୍ ଓ ଆଉ ଗୋଟିଏ ବାଲାଟ ୟୁନିଟ୍ ରହିଥାଏ। ତେବେ କଣ୍ଟ୍ରୋଲ ୟୁନିଟ୍‌ରୁ ଜଣେ ଭୋଟର ଭୋଟ ପାଇଁ ବ୍ୟବହାର କରୁଥିବା ବଟମକୁ ଜାଣିବାକୁ ଏକ ଭିଭିପିଏଟି ମେଶିନ ଏହି କଣ୍ଟ୍ରୋଲ ୟୁନିଟ୍ ଇଭିଏମ୍‌ରେ ସଂଯୋଗ କରାଯାଇଛି। ପ୍ରତ୍ୟେକ ଭୋଟର କେଉଁ ଚିହ୍ନରେ ବା କେଉଁ ପ୍ରାର୍ଥୀଙ୍କୁ ଭୋଟ ଦେଲେ ୭ ସେକେଣ୍ଡ ପାଇଁ ଭିଭିପିଏଟି ମେଶିନରେ ତାହା ଜାଣିପାରିବେ ବୋଲି ବେହେରା କହିଛନ୍ତି। ପ୍ରତ୍ୟେକ ବୁଥ୍ ଅଧୀନରେ ଥିବା ଗ୍ରାମଗୁଡ଼ିକରେ ଏକ ସ୍ୱତନ୍ତ୍ର ଗାଡ଼ିରେ ଥିବା ଏହି ମେଶିନକୁ ଲୋକମାନେ ଆଗ୍ରହର ସହ ଦେଖୁଥିବା ବେଳେ ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟ ସମୟରେ କିପରି ସେମାନେ ଭୋଟ ଦେବେ ସେ ସମ୍ପର୍କରେ ସଚେତନ ହେଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମ ବ୍ଲକ ଅଞ୍ଚଳରେ ଆସନ୍ତା ଫେବୃଆରୀ ୧୯ ଯାଏ ଜାରି ରହିବ ବୋଲି ଦେବେଶ ସୂଚନା ଦେଇଛନ୍ତି।

# ସାରଳା ମହାଭାରତର ବର୍ଣ୍ଣ, ଅଳଙ୍କାର ଓଡ଼ିଆ ଭାଷାକୁ ପରିଚୟ ଦେଇଛି

## ଜଗତ୍‌ସିଂହପୁର ପୁସ୍ତକ ମେଳା ଆରମ୍ଭ

ଜଗତ୍‌ସିଂହପୁର, ୧୫।୧ (ପ୍ରମୋଦ କୁମାର ନାୟକ)

ସାରଳା ଦାସ ଓଡ଼ିଆ ମହାଭାରତ ରଚନା କରିଥିଲେ। ସେ ଭଳି ବିଶାଳ ଗ୍ରନ୍ଥ ଏପର୍ଯ୍ୟନ୍ତ ପୃଥିବୀରେ ରଚନା ହୋଇପାରିନାହିଁ। ମୂଳ ମହାଭାରତରେ ୧ ଲକ୍ଷ ଶ୍ଲୋକ ଥିବାବେଳେ ସାରଳା ମହାଭାରତରେ ୧ ଲକ୍ଷ ୬୮ ହଜାର ପଦ ରହିଛି। ଦୁଃଖର କଥା ହେଲା କିଛି ଲୋକ ଏହାକୁ ବିକୃତ କରିବାକୁ ଚେଷ୍ଟା କରୁଛନ୍ତି। ସୋମବାର ଜଗତ୍‌ସିଂହପୁର ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ବାଗ୍ମୀ ତଥା ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଏହା କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ମିଶ୍ର ଏକଥା ମଧ୍ୟ କହିଥିଲେ, ଭାଷା ଜ୍ଞାନବିଜ୍ଞାନର କଥା କହୁଥିବା ବେଳେ ସାହିତ୍ୟ କଳ୍ପନାରୁ ସୃଷ୍ଟି। ବଙ୍ଗଳା ମାତ୍ର ୩୦୦ ବର୍ଷର ହୋଇଥିବା ବେଳେ ଓଡ଼ିଆ ୨୬୦୦ ବର୍ଷର ଭାଷା। କିନ୍ତୁ ବଙ୍ଗଳା ପୂର୍ଣ୍ଣ ମର୍ଯ୍ୟାଦା ପାଇବାର ଦୀର୍ଘ ବର୍ଷ



ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ପରେ ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଲା। ତେଣୁ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ଭାବେ ଅବହେଳିତ। ସେ ଚାଟଶାଳୀ ପାଠ କଥା ମନେ ପକାଇ କହିଥିଲେ, ଅତିବଡ଼ୀ ଜଗନ୍ନାଥ ଦାସ ଯେତେବେଳେ ଭାଗବତ ରଚନା କଲେ ସେତେବେଳେ ପଢ଼ିବାକୁ କେହି ନ ଥିଲେ। ଏହାକୁ ପଢ଼ିବା ପାଇଁ ଚାଟଶାଳୀ ପାଠର ଆରମ୍ଭ ହୋଇଥିଲା। ସେତେବେଳେ ବିନା ଶିକ୍ଷାନୁଷ୍ଠାନରେ ଲକ୍ଷ ଲକ୍ଷ ଓଡ଼ିଆ ସାକ୍ଷର ହୋଇ ଯାଇଥିଲେ। ସେ ଆହୁରି କହିଥିଲେ, ଜୟଦେବ ବଙ୍ଗଳାର ବୋଲି କହି ଗୀତଗୋବିନ୍ଦ ତାଙ୍କର ସମ୍ପତ୍ତି ବୋଲି ଦାବି କରାଯାଇଥିଲା। ଜାତୀୟସ୍ତରରେ ସେତେବେଳେ ଏହାକୁ ପ୍ରାୟତଃ ମାନି ନେଇଥିଲେ। ଫଳରେ ଜୟଦେବ ଓଡ଼ିଶାର ବୋଲି ପ୍ରମାଣ କରିବା କଷ୍ଟକର ହୋଇଥିଲା। ପଦ୍ମଶ୍ରୀ ମିଶ୍ର ପଶ୍ଚିମବଙ୍ଗର ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଏହି ପ୍ରସଙ୍ଗ ଗୁରୁତ୍ୱ ବହନ କରିଥିଲା। କିନ୍ତୁ ଜୟଦେବ ଓଡ଼ିଶାର ବୋଲି ସେ ପ୍ରମାଣିତ କରିଥିଲେ। ସେ କହିଥିଲେ, ବଙ୍ଗଳାରେ 'ଳ, ଲ, ଙ' ଧ୍ୱନି ନାହିଁ। କିନ୍ତୁ ଗୀତଗୋବିନ୍ଦରେ 'ଳ' ବର୍ଣ୍ଣ ବାରମ୍ବାର ଲେଖାଯାଇଛି। ତେଣୁ ଜୟଦେବ ଓଡ଼ିଶାର। ବାସ୍ତବିକ ଓଡ଼ିଆ ଭାଷା ପୂର୍ଣ୍ଣାଙ୍ଗ, ସ୍ୱତନ୍ତ୍ର, ମୌଳିକ ଓ ଶାସ୍ତ୍ରୀୟ ସମ୍ପନ୍ନରେ ସମୃଦ୍ଧ। ସାରଳା ମହାଭାରତରେ ବର୍ଣ୍ଣ ଓ ଅଳଙ୍କାର ଆମ ଭାଷାର ପରିଚୟ ସୃଷ୍ଟି କରିଛି। ବ୍ରାହ୍ମୀ ଲିପିରୁ ଓଡ଼ିଆ ଭାଷାର ସୃଷ୍ଟି। ଶିକ୍ଷା ମଣିଷର ଆଭ୍ୟନ୍ତରୀଣ ଶକ୍ତିକୁ ପରିମାର୍ଜିତ କରେ। ବର୍ତ୍ତମାନ ଯେଉଁ ଶିକ୍ଷା ନୀତି ପ୍ରଣୟନ କରାଯାଇଛି ତାହା ତ୍ରୁଟିପୂର୍ଣ୍ଣ। ପ୍ରାଥମିକଠାରୁ ସ୍ନାତକ ପର୍ଯ୍ୟନ୍ତ ସବୁକିଛି ବିପର୍ଯ୍ୟସ୍ତ। ଭଲ ଶିକ୍ଷକ ନାହାନ୍ତି। ଇଣ୍ଟରନେଟ୍ କେବେ ବି ପୁସ୍ତକ ସହ ସମାନ ହୋଇପାରିବ ନାହିଁ। ବହିରୁ ଆଉ କିଛି ସହଜ ଓ ଶସ୍ତାରେ ଆନନ୍ଦ ଦେଇପାରିବ ନାହିଁ ବୋଲି ପଦ୍ମଶ୍ରୀ ମିଶ୍ର କହିଥିଲେ। ଜିଲାପାଳ ପାରୁଲ ପଟାୱାରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇଥିଲେ। ସକାଳେ ମା' ଶାରଳାଙ୍କ ଜ୍ୟୋତି ଅଣାଯାଇ ସ୍ଥାପନ କରାଯାଇଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଅତୀତର ରୋମନ୍ଥନ ବର୍ତ୍ତମାନକୁ ସ୍ୱାଭିମାନୀ କରାଏ



ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### କୁଜଙ୍ଗ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

କୁଜଙ୍ଗ,୧୫।୧ (ମନୋଜ ପ୍ରଧାନ)

ମହୋତ୍ସବ ମାଧ୍ୟମରେ ନିଜ ମାଟିର ଅତୀତ ଗୌରବର ଗାଥା ଓ ସଂସ୍କୃତି ପରମ୍ପରାର ରୋମନ୍ଥନ କରାଯିବା ଦ୍ୱାରା ବର୍ତ୍ତମାନକୁ ଏହା ସ୍ୱାଭିମାନୀ କରାଏ ବୋଲି କୁଜଙ୍ଗ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟ ପ୍ରକାଶ କରିଥିଲେ। ସେ କହିଥିଲେ, କୁଜଙ୍ଗ ମାଟି ହେଉଛି ଜଗନ୍ନାଥର ମାଟି। ଏହି ମାଟିରେ ବିସର ମହାନ୍ତି ପ୍ରଭୁ ଜଗନ୍ନାଥଙ୍କ ଅର୍ଦ୍ଧଦଗ୍ଧ ନାଭିକୁ ଆଣି ଜଙ୍ଗଲଘେରା ଅଞ୍ଚଳରେ ରଖି ପୂଜା କରିଥିଲେ। ବର୍ତ୍ତମାନ ଗଡ଼ କୁଜଙ୍ଗଠାରେ ଏହା କୁଞ୍ଜବିହାରୀ ନାମରେ ପୂଜା ପାଉଛନ୍ତି। ପରମ୍ପରା ଅନୁଯାୟୀ, ପୁରୀ ରଥଯାତ୍ରା ପରଦିନ କୁଞ୍ଜବିହାରୀଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ମହାନ୍ ଜଗନ୍ନାଥ ସଂସ୍କୃତି ଉପରେ ଛିଡ଼ା ହୋଇଥିବା କୁଜଙ୍ଗ ମାଟି ଚିର ନମସ୍ୟ ବୋଲି ରାଉତରାୟ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତାଭାବେ ପୂର୍ବତନ ଏମ୍‌ପି ଡା.କୁଳମଣି ସାମଲ ଯୋଗଦେଇ କୁଜଙ୍ଗର ମହାନ୍ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଉପଦେଷ୍ଟା ସବିତା ମହାପାତ୍ର, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ୍ ସ୍ୱାଇଁ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ସାମାଜିକ କର୍ମୀ ରଞ୍ଜନ ଦାସ, ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ମାନ ଭଞ୍ଜନ ମଲ୍ଲ, ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସଂଳାପକାର ଶରଣାରବିନ୍ଦ ଓଝା ସଂଯୋଜନା କରିଥିଲେ। ରଘୁନାଥ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସନ୍ଧ୍ୟାରେ ଅଞ୍ଚଳର ଶିଶୁ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ଧାନଖଳାରେ ନିଆଁ, ଜଳିଗଲା ୧୨୦ କୁଇଣ୍ଟାଲ ଧାନ

ରାଜନଗର, ୧୫।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ପଞ୍ଚାୟତ ପେଣ୍ଠ ଗାଁରେ ରବିବାର ଧାନଖଳାରେ ନିଆଁ ଲାଗି ପ୍ରାୟ ୧୨୦ କୁଇଣ୍ଟାଲ ଧାନପୋଡ଼ି ପାଉଁଶ ହୋଇଯାଇଛି। ଗାଁର ବିଚିତ୍ର ଦାସ, ବାବାଜୀ ପ୍ରଧାନ, ଦଇତାରି ପାତ୍ର, ପ୍ରଫୁଲ୍ଲ ଦାସ ପ୍ରମୁଖ ବିଲ ଭିତରେ ଧାନଖଳା କରିଥିଲେ। ବିଚିତ୍ର ୨ ଏକର ଜମିରେ କରିଥିବା ଧାନକୁ କାଟିଆଣି ଗଦା ଦେଇଥିଲେ। ଅନ୍ୟମାନେ ଧାନ ଅମଳ କରି ବସ୍ତାରେ ପୂରାଇ ରଖିଥିଲେ। ରବିବାର କୌଣସି କାରଣରୁ ନିଆଁ ଲାଗି ଧାନଗଦା ସମେତ ଅମଳ ଧାନ ପୋଡ଼ି ପାଉଁଶ ହୋଇଯାଇଛି। ବିଚିତ୍ର ଦାସଙ୍କ ୨ ଏକର ଜମିର ପ୍ରାୟ ୪୦ କୁଇଣ୍ଟାଲ ଧାନ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ବାବାଜୀ ପ୍ରଧାନ, ଦଇତାରି ପାତ୍ର ଓ ପ୍ରଫୁଲ୍ଲ ଦାସଙ୍କ ୮୦ କୁଇଣ୍ଟାଲ ଧାନ ପୋଡ଼ିଯାଇଛି। ଯେଉଁ କିଛି ଧାନବସ୍ତା ନିଆଁ ମଧ୍ୟରୁ ଉଦ୍ଧାର ହୋଇଛି, ତାହା ଦୁର୍ଗନ୍ଧ ହେଉଥିବାରୁ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏହି ଘଟଣା ୪ଟି ଚାଷୀ ପରିବାରର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସରକାରୀ ସହାୟତା ଯୋଗାଇଦେବାକୁ କେନ୍ଦ୍ରାପଡ଼ା ଜିଲାପାଳ ଓ ରାଜନଗର ତହସିଲଦାରଙ୍କ ସହ କଥା ହୋଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶିଷ



@ ବିଷ୍ଣୁ



@ ବୁବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୋରେଖନାଥ ପୀଠରେ ପ୍ରବଳ ଜନସମାଗମ



ରଘୁନାଥପୁର, ୧୫।୧ (ରାଜେନ୍ଦ୍ର ନାରାୟଣ ସିଂହ)

ମକର ସଂକ୍ରାନ୍ତି ଉପଲକ୍ଷେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କୁ ଦର୍ଶନ ନିମନ୍ତେ ପୀଠରେ ପ୍ରବଳ ଜନସମାଗମ ହୋଇଛି। ସକାଳୁ ପ୍ରଭୁଙ୍କ ମଙ୍ଗଳାଆରତି କାର୍ଯ୍ୟ ସମାପନ ପରେ ପୀଠ ମଧ୍ୟକୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଭିଡ ଓ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ କରାଯାଇଥିଲା। ଦିନତମାମ ପୀଠରେ ଭଜନ କୀର୍ତ୍ତନ ଲାଗିରହିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଯାତ୍ରୀମାନେ ଆସି ପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ଅହେରାତ୍ର ଜଳୁଥିବା ଧୂନିକୁଣ୍ଡରୁ ବିଭୂତି ପାଇ କୃତାର୍ଥ ଲାଭ କରିଥିଲେ।

## ୨ ବାଛୁରିକୁ ଗାଡ଼ିରୁ ଠେଲିଦେଲେ ଦୁର୍ବୃତ୍ତ

ଏରସମା,୧୫।୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ଥାନା ପଏଦା ପଞ୍ଚାୟତସ୍ଥିତ ଚମ୍ପାହାଟରେ ରବିବାର ବିଳମ୍ବିତ ରାତିରେ ଏକ ଅମାନବୀୟ ଘଟଣା ଘଟିଛି। କୌଣସି ଦୁର୍ବୃତ୍ତ ଏକ ଗାଡିରୁ ଦୁଇଟି ବାଛୁରୀକୁ ତଳକୁ ଠେଲି ଦେଇ ଚାଲିଯାଇଛନ୍ତି। ଫଳରେ ଗୋଟିଏ ବାଛୁରୀର ପଛ ଦୁଇଟା ଗୋଡ ଭାଙ୍ଗି ଯାଇଛି। ଖବରପାଇ ସ୍ଥାନୀୟ ଯୁବକ ସଂଘର କର୍ମକର୍ତ୍ତା ପର୍ଶୁରାମ ମନ୍ତ୍ରୀ, ବାବୁ ମହାନ୍ତି, ମଣ୍ଟୁ ସ୍ୱାଇଁ, ଦୀପ୍ତିକାନ୍ତ ରାଏ, ପ୍ରଫୁଲ୍ଲ ମଲ୍ଲିକ, ପପୁ ସାହୁ, ଲିପୁ ବିଶ୍ୱାଳ ପ୍ରମୁଖ ପହଞ୍ଚି ଆହତ ବାଛୁରୀର ସେବା କରିଛନ୍ତି। ଏରସମା ପ୍ରାଣୀ ଚିକିତ୍ସାଳୟର ଚିକିତ୍ସକ ରୁଦ୍ର ପ୍ରସାଦ ମିଶ୍ର ଓ ତାଙ୍କ ସହଯୋଗୀ ଘଟଣାସ୍ଥଳରେ ପହଞ୍ଚି ବାଛୁରୀ ଦ୍ୱୟର ଚିକିତ୍ସା କରିଛନ୍ତି।

## ତେଣ୍ଡାକୁଡ଼ା ସାଇଫନ୍ ଛକରେ ବର୍ଡର ଚେକ୍ ପୋଷ୍ଟ ଖୋଲିଲା

### ବିଟ୍ ହାଉସ ନ ହେଲେ ଫାଣ୍ଡି ଖୋଲିବାକୁ ଦାବି

ପାଟକୁରା,୧୫।୧ (ରବୀନ୍ଦ୍ରନାଥ ବାରିକ)

ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତଟି କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ। ପୂର୍ବରୁ ଏହି ଅଞ୍ଚଳଟି ୨୨ କି.ମି. ଦୂର ପାଟକୁରା ଥାନା ଅଧୀନରେ ଥିଲା। ପରେ ୮ କି.ମି. ଦୂର କୁଦାନଗରୀଠାରେ ଫାଣ୍ଡି ଖୋଲିବାରୁ ଏ ଅଞ୍ଚଳଟି ତାର ଅଧୀନରେ ରହିଲା। କିନ୍ତୁ ପରେ ଏହି ଫାଣ୍ଡି ୧୨ କି.ମି. ଦୂର କୋରୁଆକୁ ଉଠି ଯାଇଥିଲା। ଏବେ କୋରୁଆଠାରେ ଥିବା କୁଦାନଗରୀ ଫାଣ୍ଡିକୁ ଥାନା ଭାବେ ଉନ୍ନୀତ କରାଯାଇ ତେଣ୍ଡାକୁଡ଼ା ଅଞ୍ଚଳ ଏହା ଅଧୀନରେ ରହିଛି। ଏଠାରେ ପୋଲିସ ବିଟ୍ ହାଉସ କିମ୍ବା ଫାଣ୍ଡି ଖୋଲିପାରିନାହିଁ। ତେଣ୍ଡାକୁଡ଼ା ଅଞ୍ଚଳର ଆପରାଧିକ କାର୍ଯ୍ୟକଳାପକୁ ବିଚାର କରାଗଲେ ଏଠାରେ ଏକ ପୋଲିସ ବିଟ୍ ହାଉସ କିମ୍ବା ଫାଣ୍ଡି ଖୋଲାଯିବାର ଆବଶ୍ୟକତା ରହିଛି। କୁଦାନଗରୀ ଥାନା ହେବା ପରେ ଲୋକଙ୍କ ଦାବି ଫଳରେ କେନ୍ଦ୍ରାପଡ଼ା ଏସ୍‌ପି ତେଣ୍ଡାକୁଡ଼ା ଅଞ୍ଚଳ ପରିଦର୍ଶନ କରିଥିଲେ। ୧୦ ତାରିଖ ସନ୍ଧ୍ୟାରେ ଏକାଧିକ ସଶସ୍ତ୍ର ଯୁବକ ତେଣ୍ଡାକୁଡ଼ା ଅଞ୍ଚଳ ଓ ବିଲହାଟ ବଜାରରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ନିକଟରେ ଫାଙ୍କା ଗୁଳି ଚାଳନା କରିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପରେ ଜିଲା ପୋଲିସ ଏବେ ଆକ୍ସନକୁ ଆସିଛି। ରବିବାର ବିଳମ୍ବିତ ରାତିରେ ତେଣ୍ଡାକୁଡ଼ା ସାଇଫନ୍ ନିକଟରେ ସଶସ୍ତ୍ର ପୋଲିସ କ୍ୟାମ୍ପ (ବର୍ଡର ଚେକ୍ ପୋଷ୍ଟ) ଖୋଲିଛି। ଏହି କ୍ୟାମ୍ପରେ ଜଣେ ଅଫିସର ଓ ୪ ଜଣ ସଶସ୍ତ୍ର ପୋଲିସ ବଳ ରହିଛନ୍ତି। ପୋଲିସର ଏହି ଚେକ୍ ପୋଷ୍ଟ ଖୋଲିବା ଜାଣିବା ପରେ ସ୍ଥାନୀୟ ଲୋକଙ୍କ ମନରୁ ଭୟ ଦୂର ହୋଇଛି। ସାଇଫନ୍ ଛକରେ ପୋଲିସ ଯାଞ୍ଚ କଡ଼ା କଡ଼ି କରାଯାଇଥିବା ଦେଖିବାକୁ ମିଳିଛି। ହେଲେ ତେଣ୍ଡାକୁଡ଼ାଠାରେ ପୋଲିସ ବିଟ୍ ହାଉସ କିମ୍ବା ଫାଣ୍ଡି ଖୋଲାଯିବାକୁ ସାଧାରଣରେ ଦାବି ହେଉଛି।

## ବିଜୟ ମହାକାଳପଡ଼ାରୁ ପ୍ରାର୍ଥୀ ହେବା ଆଶାବାଦୀ



ଭାଜପା ନେତା ବିଜୟ ମହାପାତ୍ର ଶୋଭାଯାତ୍ରାରେ ଯାଉଛନ୍ତି।

ମହାକାଳପଡ଼ା,୧୫।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସୋମବାର ସ୍ଥାନୀୟ ଛେଡ଼ାକଣିସ୍ଥିତ ସତ୍ୟନାରାୟଣ ପୀଠରେ ମକର ଉତ୍ସବରେ ଭାଜପା ନେତା ବିଜୟ ମହାପାତ୍ର ଯୋଗଦାନ ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। କେନାଲ ବ୍ରିଜ୍‌ଠାରୁ ନିଜ ଦଳୀୟ ସମର୍ଥକ, ଶୁଭେଚ୍ଛୁମାନଙ୍କୁ ସାଥିରେ ଧରି ଶୋଭାଯାତ୍ରାରେ ଆସି ନାରାୟଣଙ୍କ ପୀଠରେ ପହଞ୍ଚିଥିଲେ। ବହୁଦିନ ପରେ କର୍ମୀମାନେ ବିଜୟଙ୍କୁ ଅତି ନିକଟରେ ପାଇ ଖୁସି ବ୍ୟକ୍ତ କରିଛନ୍ତି। ପରେ ଗଣମାଧ୍ୟମର ପ୍ରତିନିଧିଙ୍କ ପ୍ରଶ୍ନ ଥିଲା ଆସନ୍ତା ସାଧାରଣ ନିର୍ବାଚନରେ ମହାକାଳପଡ଼ାରୁ ପ୍ରାର୍ଥୀ ହେବେ କି। ଏହାର ଉତ୍ତରରେ ସିଧାସଳଖ ନ କହି ପରୋକ୍ଷ କହିଛନ୍ତି, ମା'ଙ୍କ ଆଶୀର୍ବାଦ ରହିଲେ ମହାକାଳପଡ଼ାବାସୀଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ। ୨୦୨୪ରେ ମହାକାଳପଡ଼ାର ଶୁଭେଚ୍ଛୁ ଓ ସମର୍ଥକଙ୍କୁ ନିରାଶ କରାଯିବ ନାହିଁ ବୋଲି ବିଜୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଜୟଙ୍କ ମୁହଁରୁ ଏହି ପଦକ କଥା ଶୁଣି ଶୁଭେଚ୍ଛୁ ଓ କର୍ମୀମାନଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଦ୍ୱିବେଦୀ, ମାନସ ଦାସ, ମମତା ସାମଲ , ରଞ୍ଜନ ଚୌଧୁରୀ, ଅଶୋକ ସେନାପତି, କୁଳମଣି ଚୌଧୁରୀ, ଭୀମ ମାଇତି, ଅଚିନ୍ତ ମାଇତି, ରାମଚନ୍ଦ୍ର ରାଉତଙ୍କ ସମେତ ଶତାଧିକ ଦଳୀୟ ଭାଜପା କର୍ମୀ ଯୋଗ ଦେଇଥିଲେ।

## ହଜାରରୁ ଊର୍ଦ୍ଧ୍ୱ ମହିଳା କଲେ ପଞ୍ଜୀକରଣ

### ରଣମୁକ୍ତ ଭାରତ ଅଭିଯାନ ପକ୍ଷରୁ ରଣମେଳା

ପଟ୍ଟାମୁଣ୍ଡାଇ,୧୫।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ପଡ଼ିଆରେ ସୋମବାର ନିଃଶୁଳ୍କ କରଜ ମୁକ୍ତି ଅଭିଯାନ ଭାରତ ଓ ଧାର୍ମିକ ଏକତା ଟ୍ରଷ୍ଟ ପକ୍ଷରୁ ଏକ ଋଣମୁକ୍ତ ମେଳା ହୋଇଯାଇଛି। ଏହି ଋଣ ମୁକ୍ତି ମେଳାରେ ଜିଲା ଓ ବାହାର ଜିଲାରୁ ହଜାର ହଜାର ମହିଳା ପହଞ୍ଚି ନିଜ ନାମ ପଞ୍ଜୀକରଣ କରିଥିଲେ। ଏଥିପାଇଁ ଆଧାର କାର୍ଡ ଏବଂ ଅନ୍ୟ ସାର୍ଟିଫିକେଟର ମଧ୍ୟ ଆବଶ୍ୟକତା ପଡୁଥିଲା। ତେବେ ଏହି ସଂସ୍ଥାର ମୁଖ୍ୟ ଅଭିଯାନର ସମ୍ପର୍କରେ ସୂଚନା ଦେଇଥିଲେ ସୁଦ୍ଧା ଅଭିଯାନର ପ୍ରକୃତ ଉଦ୍ଦେଶ୍ୟ ଅସ୍ପଷ୍ଟ ରହିଥିଲା। ତେବେ ଗାଁ ଗାଁ ବୁଲି ଏଜେଣ୍ଟଙ୍କ ମାଧ୍ୟମରେ ମହିଳାଙ୍କୁ ଏକଜୁଟ କରାଇ ଏହି ନିଃଶୁଳ୍କ ଋଣ ମୁକ୍ତି ଅଭିଯାନ ପାଇଁ ଡାକିଥିଲେ ବୋଲି ଯାଜପୁରର ସସ୍ମିତା ଜେନା, କଟକ ଜିଲାରୁ ଆସିଥିବା ରୋଜାଲିନ ମଲିକ, ଝୁନି ମଲିକ, ଜୟନ୍ତୀ ମଲିକ ପ୍ରମୁଖ ପ୍ରକାଶ କରିଥିଲେ। ମହିଳାମାନଙ୍କୁ ଟ୍ରଷ୍ଟର ପ୍ରମାଣପତ୍ର ଦେବା ଆଳରେ



ସଭାରେ ଯୋଗ ଦେଇଥିବା ଅତିଥିମାନେ।

ଆଧାରକାର୍ଡ ଏବଂ ମୋବାଇଲ ନମ୍ବର ମଧ୍ୟ ମାଗି ନେଇଥିଲେ। କେନ୍ଦ୍ରାପଡ଼ା ଜିଲା ସମେତ ଯାଜପୁର, କଟକ ଓ ଭଦ୍ରକ ଜିଲାର ମହିଳାମାନଙ୍କୁ ସେମାନେ ନେଇଥିବା ସମସ୍ତ ଋଣକୁ ଶୁଝିଦେବେ ବୋଲି ଭରସା ଦେଖାଇଥିଲେ। ୪ମାସ ତଳୁ ଚଳାଇଥିବା ଏହି ଅଭିଯାନରେ ଅନେକ ମହିଳାଙ୍କୁ ସାମିଲ କରାଯାଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ମିଳିଥିବା କୁହାଯାଉଥିବା ବେଳେ ସେପରି କିଛି ନିର୍ଦ୍ଦେଶ କାହାରିକୁ ଦିଆଯାଇନାହିଁ ବୋଲି ଉପ ଜିଲାପାଳ ରବୀନ୍ଦ୍ର ପ୍ରଧାନ କହିଛନ୍ତି। ତେବେ ଏପରି ଅନୁଷ୍ଠାନକୁ ଅନୁମତି ଦେଲା କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଲୋକମାନଙ୍କର ବ୍ୟାଙ୍କ ସମ୍ବନ୍ଧୀୟ କିଛି ଅଘଟଣ ଘଟେ ଅଥବା ପୁଣି ଆଉ କେଉଁ ଠକାମିର ଶିକାର ହୁଅନ୍ତି ସେଥିପାଇଁ କିଏ ଦାୟୀ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



## OFFICE OF THE PR. CHIEF COMMISSIONER OF INCOME TAX, ODISHA, BHUBANESWAR

Aayakar Bhawan, Rajaswa Vihar, Bhubaneswar, PIN - 751007

**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The Office of the Pr. Chief Commissioner of Income Tax, Bhubaneswar invites applications from eligible advocates for empanelment as Special Public Prosecutors (SPP) to represent the Department before the Courts of Session and its subordinate Courts in terms of CBDT Instruction No. 02/2023 Dated: 30.11.2023 issued in F. No. 279/Misc./M-77/2011-ITJ.

2. The proforma of application, eligibility criteria and other terms & conditions for empanelment as SPP may be obtained from the O/o. the Pr. Chief Commissioner of Income Tax, Aayakar Sahayata Kendra, Ground Floor, Aayakar Bhawan, Rajaswa Vihar, Bhubaneswar - 751007 from 15.01.2024 to 31.01.2024 during office hours only or may be downloaded from the official website of the Department i.e. **www.incometaxindia.gov.in**.
3. The advocates desirous of and eligible for the post may send their completed applications in the prescribed proforma only through Speed Post/Registered Post to the following address: **The Pr. Chief Commissioner of Income Tax, Aayakar Bhawan, Rajaswa Vihar, Bhubaneswar - 751007; or through E-mail to: bhubaneswar.pccit@incometax.gov.in**
4. Canvassing in any form shall constitute a disqualification.
5. All the existing Special Public Prosecutors empanelled in the Income Tax Department, Odisha region will have to apply afresh in respnse to this advertisement.
6. The applications received earlier to this advertisement or received after the last date are liable to be rejected.
7. Applications received through any mode other than Speed Post/Registered Post/E-mail shall also be summarily rejected.
8. Applications submitted in a format other than the prescribed proforma or having deficiencies in any respect are also be rejected.
9. The last date for receipt of application is **05.02.2024**.

**Sd./- Dy. Commissioner of Income Tax (Hqrs.) (Admn. & Vig.)**
**O/o. the Pr. Chief Commissioner of Income Tax, Odisha, Bhubaneswar**

# ଆରମ୍ଭ ହେଲା ବରୁଣେଶ୍ୱର ମେଳା

## ପ୍ରଥମ ଦିନରେ ବାବାଙ୍କ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

**ବିଞ୍ଝାରପୁର,୧୫।୧(ରାମକୃଷ୍ଣ ଦାସ):**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ ଅରେଇସ୍ଥିତ ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ବରୁଣେଶ୍ୱରଙ୍କ ପୀଠରେ ସୋମବାର ପବିତ୍ର ମକର ସଂକ୍ରାନ୍ତୀ ଠାରୁ ଆରମ୍ଭ ହୋଇଛି ବରୁଣେଶ୍ୱର ମେଳା । ରାଜ୍ୟ ପ୍ରସିଦ୍ଧ ଏହି ମେଳା ୯ଦିନ ପର୍ଯ୍ୟନ୍ତ ଚାଲିବ। ଆଜି ବାବାଙ୍କ ଦର୍ଶନ ପାଇଁ ପ୍ରଭାତରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା । ଭୋର ୩.୩୦ ମିନିଟରେ ବାବଙ୍କ ବଡ଼ସିଂହାର ବେଶ କରାଯାଇ ମଙ୍ଗଳ ଆଳତୀ ଓ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ସକାଳୁ ବାବାଙ୍କ ଦର୍ଶନ ପାଇଁ ବାଚସ୍ପତି ପ୍ରମିଳା ମଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀତା ଦାସ, ସରପଞ୍ଚ ସ୍ମୃତି ସମୀକ୍ଷା ମଲିକ, ସମାଜିକ କର୍ମୀ କୈଳାସ ସେଠୀ, ରବିନ୍ଦ୍ର କୁମାର ପରିଡ଼ା, ବଟକୃଷ୍ଣ ନାୟକ, ରାଧାକାନ୍ତ ନାୟକଙ୍କ ସମେତ ଲକ୍ଷାଧିକ ଶ୍ରଦ୍ଧାଳୁ ବରୁଣେଶ୍ୱରଙ୍କ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ କରି ବିଞ୍ଝାରପୁର ଥାନା ଅଧିକାରୀ ଅଂଶୁମାଳା ଦାସଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା । ଏଥିପାଇଁ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ବାବା ବରୁଣେଶ୍ୱର ପୀଠ ମହାତ୍ମ୍ୟ ବିଭିନ୍ନ ପୁରାଣରେ ବର୍ଣ୍ଣିତ ରହିଛି । କଥିତ ଅଛି ମକର ସଂକ୍ରାନ୍ତି ଦିନ କୁଶଭଦ୍ରା ନଦୀରେ ବୁଡ଼ ପକାଇ ବାବାଙ୍କ ଦର୍ଶନ କଲେ କୋଟିପୁଣ୍ୟ ପ୍ରାପ୍ତ ହୋଇଥାଏ । ତେଣୁ ପ୍ରତିବର୍ଷ ଆଜିର ଦିନରେ ବାବାଙ୍କ ଦର୍ଶନ ପାଇଁ ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଏହି ପୀଠକୁ ଛୁଟିଆସିଥାଆନ୍ତି ।

**ବରୁଶେଶ୍ୱର ମେଳା ଉଦ୍‌ଘାଟିତ:**

ବରୁଣେଶ୍ୱର ମେଳା ଓ ମହୋତ୍ସବକୁ ସୋମବାର ଆନୁଷ୍ଠାନିକ ଭାବେ ବାଚସ୍ପତି ମଲିକ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଦିବସ ବ୍ୟାପୀ ଆୟୋଜିତ ସାହିତ୍ୟ, ସାମାଜିକ, ସଂସ୍କୃତିକ ଓ ଧାର୍ମିକ



ବରୁଣେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

କାର୍ଯ୍ୟକ୍ରମରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶାର ଦ୍ୱିତୀୟ ବାଲିଯାତ୍ରା ଭାବେ ପରିଚିତ ବରୁଣେଶ୍ୱର ମେଳା ପଡ଼ିଆରେ ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ପକ୍ଷରୁ ଲୋକଙ୍କ ସେବା ନିମନ୍ତେ ଖୋଲାଯାଇଥିବା ଅସ୍ଥାୟୀ କାର୍ଯ୍ୟାଳୟକୁ ବାଚସ୍ପତି ମଲିକ ଉଦ୍‌ଘାଟନ କରିବା ସହିତ ସାମାଜିକ ଉତ୍ସବକୁ ସରସସୁନ୍ଦର କରିବା ଦିଗରେ ଖବରଦାତାମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀତା ଦାସ, ଉପାଧ୍ୟକ୍ଷ ସେକ ଏରସାଦ, ପୂର୍ବତନ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲିକ, ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ଚିକଣା ସରପଞ୍ଚ ପାର୍ବତୀ ମଲିକ, ସାମାଜିକ କର୍ମୀ କୈଳାସ ସେଠୀ, ଉପଦେଷ୍ଟା ଅକ୍ଷୟ କୁମାର ନାୟକ , ସତ୍ୟ ଶେଖର ନାୟକ, ରଞ୍ଜନ ଧଳ, ବରୁଣେଶ୍ୱର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୁରୁ ପ୍ରସାଦ ମିଶ୍ର, ବ୍ରଜ ସୁନ୍ଦର ଜୁନିୟର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଉମାକାନ୍ତ ସାମଲ ପ୍ରମୁଖ ଯୋଗଦେଇ ବିଞ୍ଝାରପୁର ସାମ୍ବାଦିକ ୟୁନିୟନର ବିଭିନ୍ନ ଲୋକାଭିମୁଖି ସାମାଜିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର ସାମ୍ବାଦିକ ୟୁନିୟନର ସଭାପତି ଦେବ ପ୍ରସାଦ ସାହୁ, ସାଧାରଣ ସମ୍ପାଦକ ଏସ୍.କେ.ସନୱାର, ଉପସଭାପତି ଗୁଲଶନ ନୱାଜ ଅଲି ଖାଁ, ସମ୍ପାଦକ ବିଶ୍ୱଜିତ୍ ନାୟକ, କୋଷାଧକ୍ଷ ସୀତାକାନ୍ତ ସାମଲ, ସହ କୋଷାଧ୍ୟକ୍ଷ ଅନଙ୍ଗ ଉଦୟ ବେଉରିଆ, ସଂଯୋଜକ ସତ୍ୟ ରଞ୍ଜନ ମଲିକ, ସଭ୍ୟ ରାମକୃଷ୍ଣ ଦାସ, ଏମ୍‌ଡି ମମତାଜ, ସୁରେନ୍ଦ୍ର ସାମଲ, ଶଙ୍କର୍ଷଣ ସାମଲ, ନିମାଇଁ ଘଡାଇ, ମୈଦୁଲ ଇସଲାମ ପ୍ରମୁଖ ଉପସ୍ଥିତ ଥିଲେ ।

# ବରୀରେ ବୁଲିଲା ଦିବ୍ୟ ରଥ



ଦିବ୍ୟରଥ ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ ।

**ବରୀ,୧୫।୧(ମହେନ୍ଦ୍ର ସ୍ୱାଇଁ)**

ସୋମବାର ବରୀରେ ଦିବ୍ୟ ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି। ଯୁବନେତା ସଞ୍ଜୀବ ଜେନାଙ୍କ ଉଦ୍ୟମରେ ସ୍ଥାନୀୟ ସାହୁପଡ଼ା ଜଗନ୍ନାଥ ମନ୍ଦିରରୁ ଦାରୁବିଗ୍ରହଙ୍କୁ ପୂଜାର୍ଚ୍ଚନା କରି ଅଣାଯାଇଥିଲା । ଏହାପରେ ଦିବ୍ୟରଥ ସାହୁପଡ଼ା, ଧାରପୁର, ବାଲିଆ ପଞ୍ଚାୟତ ହୋଇ ଇଶାଣପୁର ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ଥିଲା । ଏହି ରଥଯାତ୍ରାରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟବାଦ୍ୟ ଦଳ ଓ ନୟାଗଡ଼ ପ୍ରସିଦ୍ଧ ମୟୂର ମୟୂରୀ ନୃତ୍ୟ ଦଳ ସାମିଲ ହୋଇଥିଲେ । ଜୟ ଜଗନ୍ନାଥ ଧ୍ୱନୀ ସହିତ ଶଙ୍ଖ ହୁଳହୁଳିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଥିଲା । ଉକ୍ତ ରଥ ପରିକ୍ରମାକୁ ଜେନା ପ୍ରତ୍ୟକ୍ଷ ଭାବେ ପରିଚାଳନା କରୁଥିବା ବେଳେ ତାଙ୍କ ସହିତ ପ୍ରାକ୍ତନ ବ୍ଲକ ଅଧକ୍ଷା ଭାରତୀ ବେହେରା, ଧାରପୁର ସମବାୟ ସମିତି ସଭାପତି ରାଜେନ୍ଦ୍ର ଜେନା, ସାମାଜିକ କର୍ମୀ ଗୁରୁଚରଣ ଦାସ, ଗିରିନ୍ଦ୍ର ପତି, ଗୌତମ ଜେନା, ବିବେକାନନ୍ଦ ଜେନା ପ୍ରମୁଖ ସାମିଲ ହୋଇଥିଲେ। ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଶିଶୁ କଟାମୁଣ୍ଡର ଟେର ପାଉନାହିଁ ପୋଲିସ

**ଯାଜପୁରରୋଡ଼,୧୫।୧(ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜିଲା ଯାଜପୁରରୋଡ଼ ଥାନା ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ରାଧାନଗର ଗ୍ରାମରେ ଶନିବାର ଶିଶୁ କଟାମୁଣ୍ଡ ନେଇ ଘଟିଥିବା ଲୋମହର୍ଷଣ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହି ଘଟଣା ଘଟିବାର ୪୮ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ତଦନ୍ତ କରୁଥିବା ଯାଜପୁରରୋଡ଼ ପୋଲିସକୁ ଘଟଣାର କୌଣସି ସୁରାକ ମିଳିପାରିନାହିଁ। କିଏ କାହିଁକି ଏଭଳି ଏକ ଅମାନୁଷିକ କାର୍ଯ୍ୟ କରିଛି ତାହା ଉପରୁ ପରଦା ଉଠାଇବାରେ ପୋଲିସ ବିଫଳ ହୋଇଥିବା ଓ ବର୍ତ୍ତମାନ ସୁଦ୍ଧା ପୋଲିସ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥଳରେ ପହଞ୍ଚି ପାରିନାହିଁ । ସବୁଠାରୁ ବଡ଼ କଥା ଶନିବାର ରାତିରେ ମୃତ ଶିଶୁଟିର କଟାମୁଣ୍ଡକୁ କୁକୁର ଖାଉଥିବା ଭିଡିଓ ପୋଲିସର ହସ୍ତଗତ

## ୨ ଦିନ ପରେ ବି ପୋଲିସ ହାତ ଖାଲି

ହୋଇଥିବା ବେଳେ କଟାମୁଣ୍ଡ କିମ୍ବା ଶିଶୁଟିର ଗଣ୍ଡି ମଧ ପୋଲିସକୁ ମିଳିପାରିନାହିଁ ।

ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପଡ଼ିଥିବା ରକ୍ତ ନମୁନା ସଂଗ୍ରହ କରିଛି । ସନ୍ଧାନୀ କୁକୁର ଉକ୍ତ ଗ୍ରାମର ବିଲ ମଧରେ କିଛି ବାଟ ଯାଇ ଫେରି ଆସିଛି, ଫଳରେ କୌଣସି ସୁରାକ ମିଳିପାରିନାହିଁ। ସ୍ଥାନୀୟ ଲୋକମାନଙ୍କୁ ଘଟଣା ସମ୍ପର୍କରେ ପୋଲିସ ପଚରା ଉଚରା କରିଥିଲେ ମଧ କେହି କିଛି କହିପାରୁନାହାନ୍ତି । ଯାଜପୁର ଡିଏସ୍‌ପି ପି.କେ. ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟଣାକୁ ଗୁରୁବାର ସହ ଯାଜପୁରରୋଡ଼ ପୋଲିସ ୩ ଟି ଟିମ୍ କରି ତଦନ୍ତ ଜାର ରଖିଛି । ଯାଜପୁର ଜିଲାର ପ୍ରତ୍ୟେକ ଥାନାକୁ ଏ ସମ୍ପର୍କରେ ସୂଚନା ଦିଆଯିବା ସହ ସୀମାବର୍ତ୍ତୀ ପଡୋଶୀ ଜିଲାର କେତେକ ଥାନାକୁ ମଧ ଅବଗତ କରାଯାଇଛି । ଏହି ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଶା ଦିଦିମାନଙ୍କୁ ଶିଶୁର ମୁଣ୍ଡକୁ ଚିହ୍ନଟ ସୂଚନା ମିଳିଲେ ପୋଲିସକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ତଦନ୍ତ କରୁଥିବା ଯାଜପୁରରୋଡ଼ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ କହିଛନ୍ତି । ବର୍ତ୍ତମାନ ସୁଦ୍ଧା ଶିଶୁ ହଜିଥିବା ବା ଚୋରି ନେଇ ଜିଲାର କୌଣସି ଥାନାରେ ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ପ୍ରଧାନ କହିଛନ୍ତି । ଏହି ଘଟଣା ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ତନ୍ତ୍ର ସାଧନା ପାଇଁ ଏପରି ହତ୍ୟା କରାଯାଇଛି। ଅନ୍ୟ କେଉଁ ଅଞ୍ଚଳରେ ଦୁର୍ବୃତ୍ତ ଏହି ଘଟଣା ଘଟାଇ ଏଠାରେ ଫିଙ୍ଗିଦେଇଥିବା ସାଧାରଣରେ ଆଲୋଚନା ହେଉଛି ।

# ପ୍ରାକ୍ତନ ଅଧ୍ୟକ୍ଷ ବୈରାଗୀ ବିଶ୍ୱାଳଙ୍କ ସ୍ମୃତିସଭା

**ଧର୍ମଶାଳା,୧୫ । ୧ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳିଙ୍ଗ କ୍ଲବ ପରିସରରେ ବିଶିଷ୍ଟ ସାମାଜିକ କର୍ମୀ, ବହୁ ଶିକ୍ଷାନୁଷ୍ଠାନର ସ୍ରଷ୍ଟା ତଥା ଧର୍ମଶାଳା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ବୈରଗୀ ଚରଣ ବିଶ୍ୱାଳଙ୍କ ପଞ୍ଚଦଶ ସ୍ମୃତି ଚାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି । ବୈରାଗୀ ଚରଣ ବିଶ୍ୱାଳ ସ୍ମୃତି କମିଟି ସଭାପତି କିଶାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରାକ୍ତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଦିଗାମ୍ବର କର ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରଭାକର ଶତପଥୀ, ମୁଖ୍ୟବକ୍ତା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରୁଦ୍ରନରାୟଣ ପୃଷ୍ଟି, ଅବରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ଓ ଆଇନଜୀବୀ ରାମଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇ ବୈରାଗୀ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାରଳା ପୁରସ୍କାର ବିଜେତା ଗାଳ୍ପିକ ଭୀମ ପୃଷ୍ଟି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁଧର ନାୟକେ ଓ କୃଷକ ନେତା ବସନ୍ତ ପରିଡାଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ପ୍ରାକ୍ତନ ଜିଲା ପରିଷଦ ବଟକୃଷ୍ଣ ପରିଡା, ଖବରଦାତା ଅଖିଳ କୁମାର ସ୍ୱାଇଁ ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପୂର୍ବରୁ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ କୃତିତ୍ୱ ହାସଲ କରିଥିବା ରେଶମା ଶତପଥୀ, ପ୍ରଲିପ୍ତା ପଲେଇ, ଅଭିଲିପ୍ସା ରାଉତଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଅନୁଷ୍ଠାନର ସମ୍ପାଦକ ବିବରଣୀ ପାଠ କରିଥିଲେ । ଶୁଭକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ ।

# ସଂସ୍କୃତି, ପରମ୍ପରାକୁ ଆଗକୁ ବଢ଼ାଏ ସାରସ୍ୱତ ସଙ୍ଗଠନ:ବାଚସ୍ପତି

**ବିଞ୍ଝାରପୁର,୧୫।୧(ରାମକୃଷ୍ଣ ଦାସ):**

ଉତ୍କଳୀୟ ପରମ୍ପରା ଓ ସଂସ୍କୃତିକୁ ଆଗକୁ ବଢାଇବାରେ ସାରସ୍ୱତ ସଙ୍ଗଠନ ଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟ ଆମ ସଂସ୍କୃତିର ମୂଳପିଣ୍ଡ । ତେଣୁ ସାରସ୍ୱତ ସାଧକମାନେ ଆମ ସମାଜକୁ ବରଦାନ ସଦୃଶ୍ୟ ବୋଲି ସୋମବାର ବରୁଣେଶ୍ୱର କ୍ଷେତ୍ରରେ ରାଜ୍ୟସ୍ତରୀୟ ସାରସ୍ୱତ ସଙ୍ଗଠନ ଅଖିଳଚକ୍ର ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ମକର ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ପ୍ରମିଳା ମଲିକ ମତବ୍ୟକ୍ତ କରିଛନ୍ତି ।

ଅଖିଳଚକ୍ରର ସଭାପତି ଅବସରପ୍ରାପ୍ତ ପ୍ରଧ୍ୟାପକ ପ୍ରସନ୍ନ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ମଲିକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ.ଆଦିକନ୍ଦ ସାହୁ ଯୋଗଦେଇ ଆଧୁନିକ ଯୁଗରେ ପୁସ୍ତକଠାରୁ ଯୁବ ସମାଜ ଦୂରେଇ ଯିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ପାଲା, ଭାଗବତ, ହରିବଂଶର ଓଡ଼ିଆ ସାହିତ୍ୟ



ବରୁଣେଶ୍ୱର ପୀଠରେ ବାଚସ୍ପତି ପ୍ରମିଳା ମଲ୍ଲିକ ପୂଜାର୍ଚ୍ଚନା କରୁଛନ୍ତି ।

ଆଜି ହରିଲୁଟ ହୋଇଛି । ଜଣେ ପ୍ରକୃତିକୁ ଭଲ ପାଇଲେ ବାସ୍ତବରେ ସାହିତ୍ୟ ଓ ସଂସ୍କୃତି ବଞ୍ଚି ରହିବା ସହ ପ୍ରଭୁକୃପା ପ୍ରାପ୍ତି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବର୍ଷିୟାନ କବି କୃଷ୍ଣକୁମାର ମହାନ୍ତି, କବି ନିରାକାର ଦାସ, କବି ଡ ଶ୍ରୀହରି ଧଳ, ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀତା ଦାସ, ଜିଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ବ୍ଲକ ଉପାଧ୍ୟକ୍ଷ ସେକ ଏରସାଦ, ଅହଲ୍ୟା ସ୍ୱାଇଁ, ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟର ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା । ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଖିଳଚକ୍ର ସାରସ୍ୱତ ସଙ୍ଗଠନର ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ ।

# ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ନର ଧରିତ୍ରୀ DHARITRI

metroselfie@gmail.com



@ ଆଶିଷ



@ ଲିପ୍‌ସିତା



@ ଅନିଲ



@ ବିଷ୍ଣୁ



@ ବୁବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦିନଦ୍ୱିପ୍ରହରରେ ୧୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି

**କଳିଙ୍ଗନଗର,୧୫।୧ (ଶୁଭାଶିଷ ରାଉତ)**

## ମକର ମେଳାକୁ ବୁଲିବାକୁ ଯାଇଥିବା ପରିବାର ସଦସ୍ୟ

ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ କାଠଚଟି ଗ୍ରାମରେ ସୋମବାର ଅପରାହ୍ନରେ କେହି ଦୁର୍ବୃର୍ତ୍ତ ଘରେ ପଶି କଳାକନା ବୁଲାଇଛନ୍ତି । ସୂଚନା ଅନୁଯାୟୀ. ଉକ୍ତ ଗ୍ରାମର ନାରାୟଣ ମୁଦୁଲି ସୋମବାର ଅପରାହ୍ନରେ ଘରେ ତାଲା ପକାଇ ସପରିବାର ନିକଟସ୍ଥ ଖଣ୍ଡୁରାଇ ମନ୍ଦିରକୁ ମକର ମେଳା ଦେଖିବାକୁ ଯାଇଥିଲେ । ସନ୍ଧ୍ୟାରେ ସେ ଘରକୁ ଫେରିବା ବେଳକୁ ବାହାର ଗେଟ୍ ଓ ମୁଖ୍ୟ ଦ୍ୱାର ତାଲା ଭଙ୍ଗାଯାଇଥିଲା । ତାଙ୍କ ଶୋଇବା ଘରେ ଥିବା ଆଲମିରା ଓ ଡ୍ରେସିଂ ଟେବୁଲ ଲକର ମଧ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଲକରରେ ଥିବା ୭ହଳ ସୁନା କାନଫୁଲ ସମେତ ଏକ ବ୍ରେସଲେଟ, ଏକ ଚେନ, ଗୋଟିଏ ହାର, ୭ ମୁଦି, ଗୋଟିଏ ମଙ୍ଗଳସୁତ୍ର, ୩ ଲକେଟ, ଗୋଟେ ହଳ ଶଙ୍ଖା ଓ ଗୋଟେ ହଳ ଦୁର୍ବୃର୍ତ୍ତମାନେ ନେଇଯାଇଥିଲେ। ଏନେଇ ମୁଦୁଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

OFFICE OF THE
**PR. CHIEF COMMISSIONER OF INCOME TAX, ODISHA, BHUBANESWAR**
Aayakar Bhawan, Rajaswa Vihar, Bhubaneswar, PIN - 751007
**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The Office of the Pr. Chief Commissioner of Income Tax, Bhubaneswar invites applications from eligible advocates for empanelment as Special Public Prosecutors (SPP) to represent the Department before the Courts of Session and its subordinate Courts in terms of CBDT Instruction No. 02/2023 Dated: 30.11.2023 issued in F. No. 279/Misc./M-77/2011-ITJ.

2. The proforma of application, eligibility criteria and other terms & conditions for empanelment as SPP may be obtained from the O/o. the Pr. Chief Commissioner of Income Tax, Aayakar Sahayata Kendra, Ground Floor, Aayakar Bhawan, Rajaswa Vihar, Bhubaneswar - 751007 from 15.01.2024 to 31.01.2024 during office hours only or may be downloaded from the official website of the Department i.e. **www.incometaxindia.gov.in**.
3. The advocates desirous of and eligible for the post may send their completed applications in the prescribed proforma only through Speed Post/Registered Post to the following address:
**The Pr. Chief Commissioner of Income Tax, Aayakar Bhawan, Rajaswa Vihar, Bhubaneswar - 751007; or through E-mail to: bhubaneswar.pccit@incometax.gov.in**
4. Canvassing in any form shall constitute a disqualification.
5. All the existing Special Public Prosecutors empanelled in the Income Tax Department, Odisha region will have to apply afresh in respnse to this advertisement.
6. The applications received earlier to this advertisement or received after the last date are liable to be rejected.
7. Applications received through any mode other than Speed Post/Registered Post/E-mail shall also be summarily rejected.
8. Applications submitted in a format other than the prescribed proforma or having deficiencies in any respect are also be rejected.
9. The last date for receipt of application is **05.02.2024**.

**Sd./- Dy. Commissioner of Income Tax (Hqrs.) (Admn. & Vig.)**
**O/o. the Pr. Chief Commissioner of Income Tax, Odisha, Bhubaneswar**

# କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ଟୁସୁ ଦେବୀଙ୍କ ପୂଜା

**କାଳିଆପାଣି,୧୫।୧(ଅସିତ ମହାନ୍ତ):**

କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ଟୁସୁ ଦେବୀଙ୍କ ପୂଜା ଓ ମକର ସଂକ୍ରାନ୍ତୀ ସୋମବାର ପାଳିତ ହୋଇଯାଇଛି। ଭାରତର ସମସ୍ତ ରାଜ୍ୟରେ ବିଭିନ୍ନ ସମ୍ପ୍ରଦାୟ ଲୋକମାନେ ବସବାସ କରନ୍ତି। ବହୁ ଜନଜାତି ନିଜ ପରମ୍ପରା ଅନୁଯାୟୀ ପୂଜାପାଠ କରନ୍ତି। ହେଲେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ କୁଡୁମୀ ମହାନ୍ତ ସମ୍ପ୍ରଦାୟ ବହୁଳ ଭାବେ ବସବାସ କରନ୍ତି। କୁଡୁମୀ ସମାଜର ବନ୍ଦନା (ଦିପାବଳୀ), ରଜ ଓ ମକର ସଂକ୍ରାନ୍ତି(ଟୁସୁ)ପର୍ବକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରିଥାଆନ୍ତି । ମକର ସଂକ୍ରାନ୍ତୀ ଅବସରରେ କୁଡୁମୀ ସମ୍ପ୍ରଦାୟ ଲୋକମାନେ ଟୁସୁ ଦେବୀଙ୍କ ପୂଜା କରନ୍ତି। କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ସୁନ୍ଦରଗଡ଼, ବାଲେଶ୍ୱର ଓ ଢ଼େଙ୍କାନାଳ ଜିଲାରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟର କୁମାରୀ ଝିଅମାନେ ଏହି ପର୍ବକୁ ଉତ୍ସାହ ସହ ପାଳନ କରନ୍ତି। ଜାନୁଆରୀ ଆରମ୍ଭରୁ ପ୍ରତ୍ୟେକ ପରିବାର ମୁଣ୍ଡ ପିଛା କିଛି କିଛି ଟଙ୍କା ଜମା କରି ରଖନ୍ତି। ସେହି ଟଙ୍କାରେ ଟୁସୁ ଦେବୀଙ୍କ ମୂର୍ତ୍ତି ତିଆରି କରି ପ୍ରତିଦିନ ସନ୍ଧ୍ୟାରେ ଝିଅମାନେ ଲୋକ ଗୀତ ଗାଇଥାନ୍ତି। ମକର ସଂକ୍ରାନ୍ତି ଦିନ ଟୁସୁ ଦେବୀଙ୍କ ମେଡ଼କୁ ସଜେଇ ମେଲଣ ପଡ଼ିଆକୁ ନେଇଥାଆନ୍ତି। ସେପରି ଗ୍ରାମର ଯୁବକ ଓ କିଶୋରମାନେ ଜାନୁୟାରୀ ପ୍ରାରମ୍ଭରୁ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରି ଥାଆନ୍ତି । ସେହିକାଠକୁ ନାଳ ନିକଟ ମକର ବୁଡ଼ ଘାଟରେ ରଖି ମକର ସଂକ୍ରାନ୍ତି ପୂର୍ବ ଦିନ ରାତିର ଶେଷ ପ୍ରହରରେ ଅଗ୍ନି

## ମକର ସଂକ୍ରାନ୍ତି ପାଳନ କଲେ ଗ୍ରାମବାସୀ



ପୂଜା ପାଉଥିବା ଟୁସୁ ଦେବୀ ।

ସଂଯୋଗ କରି ମକର ବୁଡ଼ ପକାଇଥାନ୍ତି। ମକର ବୁଡ଼ ପକାଇଲେ ପୂଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ ଅଛି। ମକର ସଂକ୍ରାନ୍ତୀ ଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ସବୁ ପରିବାର ଲୋକ ମକର ବୁଡ଼ ପକାଇ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ଘରର ମୁରବୀ ମକର ଚାଉଳ ଓ ରାଶିକୁ ପୂଜା ଆସ୍ଥାନରେ ଭୋଗ ଲଗାଇବା ପରେ ଘରର ସମସ୍ତ ସଦସ୍ୟ ଭୋଗ ଗ୍ରହଣ କରିଥାଆନ୍ତି। ସନ୍ଧ୍ୟାରେ ଟୁସୁ ଦେବୀଙ୍କୁ ସଜାଇ ଲୋକ ଗୀତ ସହ ଝୁମାର ନୃତ୍ୟରେ ମେଲଣ ପଡ଼ିଆକୁ ଗ୍ରାମର ସମସ୍ତେ ମିଶି ନେଇଥାଆନ୍ତି । ସେଠାରେ ମେଢ଼କୁ ଦେଖି ମେଲଣ କମିଟି କର୍ମକର୍ତ୍ତା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଚୟନ କରି ଟୁସୁ ଦେବୀଙ୍କୁ ଆଣିଥିବା ଗ୍ରାମବାସୀଙ୍କୁ ସମ୍ବର୍ଦ୍ଧିତ କରିଥାନ୍ତି। ଶେଷରେ ଗ୍ରାମବାସୀ ସହ କୁମାରୀ ଝିଅମାନେ ଟୁସୁ ଦେବୀଙ୍କୁ ନେଇ ନିକଟସ୍ଥ ଜଳାଶୟରେ ବିସର୍ଜନ କରି ଘରକୁ ଫେରନ୍ତି।

# ଓଳାଶୁଣୀ ପାହାଡ଼ରେ ନିଆଁ

**ଚଣ୍ଡିଖୋଲ,୧୫।୧(ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ଗୁମ୍ଫା ପାହାଡ଼ରେ ସୋମବାର ନିଆଁ ଲାଗିଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ସେଠାରେ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୋମବାର ସନ୍ଧ୍ୟାରେ ନିଆଁ ଲାଗି ଗଛ ତଳେ ପଡିଥିବା ପତ୍ରଗୁଡ଼ିକ ହୁହୁ ହୋଇ ଜଳି ଉଠିଥିଲା। ଏହା ଦେଖି ସେଠାରେ ଥିବା ବନ ବିଭାଗର କର୍ମଚାରୀମାନେ ଡେରାବିଶ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀର ମୁଖ୍ୟ ଦୀପକ କୁମାର ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବା ଯୋଗୁ ଏକ ବଡ ଦୁର୍ଘଟଣା ଟଳି ଯାଇଥିଲା। ଓଳାଶୁଣୀ ଗୁମ୍ଫା ପାହାଡ଼ରେ ଥିବା ଜଙ୍ଗଲ ରକ୍ଷା ପାଇ ଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣା ପଡି ନ ଥିଲେ ମଧ କେହି ଗଛ ତଳେ ପଡିଥିବା ପତ୍ରରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଥାଇ ପାରେ କିମ୍ବା ସିଗାରେଟ ଖାଇ ଫିଙ୍ଗି ଥିବା ଅନୁମାନ କରାଯାଉଛି।

